# ତହସିଲ କାର୍ଯ୍ୟାଳୟ,ରାୟଗଡ

## (ଭୁ-ଅର୍ଜନ ଉପବିଭାଗ )

ସଂଖ୍ୟା...4290...                                                                                    ତାରିଖ...9-9-22

ରାୟଗଡ ଜିଲ୍ଲାପାଳଙ୍କ ଆଦେଶ କ୍ରମେ ଏତଦ୍ବାରା ଅଙ୍ଗୁର,କୁରୁମ ପେଟା ଓ କର୍ଲାକଣା ଗ୍ରାମବାସିଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛିଯେ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଲାକଣା ଠାରେ କୋରାପୁଟ- ସିଙ୍ଗାପୁର ଦୋହରା ରେଳ ରାସ୍ତା ନିର୍ମାଣ ନିମନ୍ତେ ( construction of Koraput-Singapur road Doubling Railway project) ଜମି ଅଧି ଗ୍ରହଣ କରାଯାଉଅଛି । ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଓଡିଶା ସାମାଜିକ ପ୍ରଭାବ ଆକଳନ ୟୁନିଟ (Odisha State SIA Unit, Naba Krushna Choudhury centre for development studies, Bhubaneswar) ଏକ ଚିଠା ସାମାଜିକ ପ୍ରଭାବ ବିବରଣି ( Draft SIA report) ପ୍ରସ୍ତୁତ କରିଅଛନ୍ତି । ଉକ୍ତ ଜମି ଅଧିଗ୍ରହଣ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସିଙ୍କର ମତାମତ ନେବାପାଇଁ RFCTLAR&R Act 2013 ର ଧାରା (5) ତଥା RFCTLAR&R, Odisha Rules,2016 ନିୟମ 14 ଅନୁପାଳନ କ୍ରମେ ନିମ୍ନ ସୁଚି ଅନୁଯାୟୀ ଉପଜିଲ୍ଲାପାଳ,ରାୟଗଡଙ୍କ ସଭାପତିତ୍ୱରେ ଏକ ଜନ ଶୁଣାଣି ଆୟୋଜନ ସ୍ଥିରିକୃତ ହୋଇଅଛି । ସରକାରଙ୍କ COVID-19 ଦିଶା ନିର୍ଦ୍ଦେଶାବଳିକୁ ଅନୁପାଳନ ପୂର୍ବକ ଏହି ଜନ ଶୁଣାଣି କରାଯିବ । ପ୍ରକଳ୍ପ ଯୋଗୁଁ ଜମି ହରାଉଥିବା ତଥା ପ୍ରଭାବିତ ବ୍ୟକ୍ତିମାନେ ଉକ୍ତ ଜନ ଶୁଣାଣିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଏବଂ ତତ୍ ଜନିତ ସାମାଜିକ ପ୍ରଭାବ ବିବରଣି ଉପରେ ନିଜର ମତାମତ ଉପସ୍ଥାପନ କରିବାପାଇଁ ଅନୁରୋଧ କରାଯାଉଅଛି । ଉକ୍ତ ଜମି ଅଧିଗ୍ରହଣର ଚିଠା ସାମାଜିକ ପ୍ରଭାବ ବିବରଣୀ, ଭୁ ଅର୍ଜନ ଅଧିକାରି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାୟଗଡା, ଉପଜିଲ୍ଲାପାଳ, ରାୟଗଡ, ନିର୍ବାହୀ ଅଧିକାରୀ ପୂର୍ତ୍ତ ବିଭାଗ ରାୟଗଡ, ତହସିଲ କାର୍ଯ୍ୟାଳୟ ରାୟଗଡ,ଓ ଗୋଷ୍ଠି ଉନ୍ନୟନ ଅଧିକାରିଙ୍କ କାର୍ଯ୍ୟାଳୟ ରାୟଗଡା ରେ କାର୍ଯ୍ୟ ଦିବସ ମାନଙ୍କରେ ସମ୍ପୃକ୍ତ ପ୍ରଭାବିତ ବ୍ୟକ୍ତି ମାନଙ୍କ ଅବଗତି ନିମନ୍ତେ ଉପଲବ୍ଧ । ଏଣୁ ଆପଣ ମାନଙ୍କୁ ଅନୁରୋଧ ନିମ୍ନ ବର୍ଣ୍ଣିତ ଦିନ ଓ ସ୍ଥାନରେ ଉପସ୍ଥିତ ରହି ଆପଣମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବେ ହେବେ ।

| ପ୍ରଭାବିତ ମୌଜା | କି ପ୍ରକାର ସଭା | ଦିନାଙ୍କ | ସମୟ | ସ୍ଥାନ |
|---|---|---|---|---|
| 1. ଅଙ୍ଗୁର<br>2. କୁରୁମପେଟା<br>3. କାର୍ଲାକଣା | ଜମି ଅଧିଗ୍ରହଣ ନିମନ୍ତେ ଜନ ଶୁଣାଣି | 29/09/2022 | ପୂର୍ବାହ୍ନ 11.00 ଘଟିକା | କାର୍ଲାକଣା ପଞ୍ଚାୟତ କାର୍ଯ୍ୟାଳୟ |

ଜିଲ୍ଲାପାଳଙ୍କ ଆଦେଶକ୍ରମେ,

ଭୁ ଅର୍ଜନ ଅଧିକାରି ଓ ତହସିଲଦାର,ରାୟଗଡ

ପରିପତ୍ର ସଂଖ୍ୟା...4291...                                                                          ତାରିଖ...9-9-22

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ),ରାୟଗଡ ଓ ଉପ- ଜିଲ୍ଲାପାଳ ରାୟଗଡଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା ।

ଭୁ ଅର୍ଜନ ଅଧିକାରି ଓ ତହସିଲଦାର,ରାୟଗଡ

ପରିପତ୍ର ସଂଖ୍ୟା...4292...                                                  ତାରିଖ...9-9-22

ଏହାର ଏକକିତା ନକଲ Deputy chief Engineer,(Con)-II, East coast Rly, Visakhapatnam, Andhra Pradesh  ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା ।

ଭୂ ଅର୍ଜନ ଅଧିକାରି ଓ ତହସିଲଦାର,ରାୟଗଡ

ପରିପତ୍ର ସଂଖ୍ୟା...4293...                                                  ତାରିଖ...9-9-22

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରି ରାୟଗଡଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା ।

ଭୂ ଅର୍ଜନ ଅଧିକାରି ଓ ତହସିଲଦାର,ରାୟଗଡ

ପରିପତ୍ର ସଂଖ୍ୟା...4294...                                                  ତାରିଖ...9-9-22

ଏହାର ଏକକିତା ନକଲ ମୌଜା କର୍ଲାକଣା, କୁରୁମପେଟା ଓ ଅଙ୍କୁର ର ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଜମି ହରାଇ ଥିବା ଏବଂ ପ୍ରଭାବିତ ହେଉଥିବା ଜନ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଇ ।

ଭୂ ଅର୍ଜନ ଅଧିକାରି ଓ ତହସିଲଦାର,ରାୟଗଡ

ପରିପତ୍ର ସଂଖ୍ୟା...4295...                                                  ତାରିଖ...9-9-22

ଏହାର ଏକକିତା ନକଲ କର୍ଲାକଣା ପଞ୍ଚାୟତର ସରପଞ୍ଚ/ସମିତି ସଭ୍ୟଙ୍କ  ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା ।

ଭୂ ଅର୍ଜନ ଅଧିକାରି ଓ ତହସିଲଦାର,ରାୟଗଡ

ପରିପତ୍ର ସଂଖ୍ୟା...4296...                                                  ତାରିଖ...9-9-22

ଏହାର ଏକକିତା ନକଲ ଜିଲ୍ଲା ସୁଚନାବିଜ୍ଞାନ ଅଧିକାରି,NIC,ରାୟଗଡଙ୍କ ଅବଗତି ଏବଂ ଏହି ନୋଟିସ କୁ ଜିଲ୍ଲା ୱେବସାଇଟ ରେ ପ୍ରକାଶନ କରାବା ନିମନ୍ତେ ଅନୁରୋଧ କରାଗଲା ।

ଭୂ ଅର୍ଜନ ଅଧିକାରି ଓ ତହସିଲଦାର,ରାୟଗଡ